





# ଅଧିକ ଅମଳକ୍ଷମ ଧାନ ସି ଆର ଧାନ ୩୧ ୨ ର ଉତ୍ପାଦନ ପଦ୍ଧତି

ଏମ.କେ. କର, ଏଲ.କେ. ବୋଷ, ଜେ. ଏନ. ରେଡ୍ଡି, ଏସ କେ  ପ୍ରଧାନ, ଏସ.କେ.  ଦାସ,
ଏମ ଚକ୍ରବର୍ତ୍ତୀ , ଏସ  ସରକାର,  ଏମ. ଅଝାର୍ ଧୀନ, ଜେ.  ମେହେର, ଏ.କେ. ମୁଖାର୍ଜୀ,
ପି. ସି. ରଥ, ଏସ.  ଲେଙ୍କା, ଏ. ମହାନ୍ତି, ଏସ. ଡି.  ମହାପାତ୍ର, ଏମ.  ଜେନା,
ଏନ. ଏନ. ଯାମଭୁଲକର, ଜି. ପି. ପାଣ୍ଡୀ, ସଂଜୟ ସାହା

ସି ଆର ଧାନ ୩୧୨ (ଆଇଇଟି ୨୫୯୯୭) ଧାନ କିସମଟି ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ କରାଯାଇଛି । ଏହି କିସମଟି ମହାରାଷ୍ଟ୍ର, ଛତିଶଗଡ଼ ରାଜ୍ୟ ର ଜଳସେଚିତ ଅଂଚଳ ଗୁଡିକ ପାଇଁ କେନ୍ଦ୍ରିୟ କିସମ ଅନୁମୋଦନ ସବ କମିଟି ଦ୍ୱାରା ଅନୁମୋଦିତ ହୋଇଛି । ଏହି ଧାନ ଗଛ ଗୁଡିକ ମଧ୍ୟମ  ଉଚ୍ଚତା ବିଶିଷ୍ଟ ଏବଂ ଏହା ୧୩୫-୧୪୦ଦିନ ମଧ୍ୟରେ ପରିପକ୍ୱ ହୋଇଥାଏ ।  ଏହାର ଉତ୍ପାଦନ କ୍ଷମତା ହେକ୍ଟର ପିଛା ୬.୪ଟନ ଏବଂ ଏହା ମହିଷା ରୋଗ ଓ ଟୁଙ୍ଗରୋ ଭୁତାଣୁ ପୋକକୁ  ଆଂଶିକ ଭାବେ ପ୍ରତିରୋଧ କରି ପାରେ  ।  ଜଳସେଚିତ ଅଂଚଳରେ ନବୀନ ଧାନ କିସମ ବଦଳରେ ଏହି କିସମଟିକୁ ଲଗାଯାଇ ପାରିବ ।

## ଚାଷ ପ୍ରଣାଳୀ

### ବିହନ ଚୟନ ଓ ମାତ୍ରା

- ଭରସାଯୋଗ୍ୟ ସ୍ଥାନରୁ ଆନୁବଂଶିକ ଶୁଦ୍ଧତା ବିଶିଷ୍ଟ ବିହନ ସଂଗ୍ରହ କରାଯିବା ଆବଶ୍ୟକ ।
- ଆବଶ୍ୟକ ପରିମାଣରେ ଲୁଣ ଦ୍ରବଣ ହୃଷ୍ଟପୁଷ୍ଟ ବିହନ ଚୟନ ପାଇଁ ଦରକାର ପଡିଥାଏ  । ଉପଯୁକ୍ତ ସାନ୍ଦ୍ରତା ପାଇଁ ୧.୦ ଲିଟର ପାଣିରେ ୭୦ ଗ୍ରାମ ସାଧାରଣ ଲୁଣକୁ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ  ।
- ଲୁଣ ଦ୍ରବଣରେ ଧାନକୁ ବୁଡ଼ାଯାଏ, ଉପରେ ଭାସୁଥିବା ଅଳିଆ ଅଗାଡି ଆଦିକୁ ବାହାର କରି ଦିଆଯାଏ ଏବଂ ତାପରେ ଭଲ ପାଣିରେ ମଞ୍ଜିକୁ ଧୋଇ ବାହାର କରିଦିଆଯାଏ ।

- ରୁଆ ଧାନ ପାଇଁ ପ୍ରତି ହେକ୍ଟର ପିଛା ୩୦-୪୦ କି.ଗ୍ରା. ବିହନ ଆବଶ୍ୟକ।

## ଜମି ପରିସ୍ଥିତି

- ସି.ଆର ଧାନ ୩୧୨ ଧାନ କିସମକୁ ଜଳସେଚିତ ଅଞ୍ଚଳରେ ଚାଷ କରାଯିବା ଉଚିତ ଉଭୟ ରବି ଓ ଖରିଫ ଋତୁ ରେ ଏହାକୁ ଚାଷ କରାଯାଇ ପାରିବ।

## ବିହନ ବିଶୋଧନ

- ପ୍ରତି କି.ଗ୍ରା. ବିହନ ପାଇଁ ଆଗ୍ରୋସେନ- ଜି.ଏନ. କିମ୍ବା ସେରେସାନ କିମ୍ବା କାରବେଣ୍ଡାଜିମ ୨ ଗ୍ରାମ ହିସାବରେ ଭଲଭାବରେ ଗୋଳାଇ ଦିଆଯାଏ। ଏଥିପାଇଁ ମଞ୍ଜି ଗୋଳାଇବା ଯନ୍ତ୍ର ବ୍ୟବହାର କରାଯାଇପାରିବ। ଯଦି ତଳି ଶଯ୍ୟା ଆର୍ଦ୍ର ଥାଏ, ତାହେଲେ ବିହନ ଗଜା ହେବାପାଇଁ ରଖିବା ସମୟରେ ଏହାକୁ ବିଶୋଧନ କରା ଯାଇ ପାରିବ।

## ବିହନ ବୁଣିବା ସମୟ

- ଖରିଫ ଋତୁ: ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ।
- ରବି ଋତୁ: ନଭେମ୍ବର ମାସ ଶେଷ ଓ ଡ଼ିସେମ୍ବର ମାସ ମଧ୍ୟ ଭାଗ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ।

## ତଳିଘେରା ପ୍ରସ୍ତୁତି

- ତଳିଘେରା ଜମିକୁ ଭଲ ଭାବେ ଚାଷ କରି ସମତୁଲ କରାଯାଏ। ତଳିଘେରା ଜମିକୁ ଉଚ୍ଚ କରାଯାଇଥାଏ। ୧.୦ ମିଟର ପ୍ରସ୍ଥ ଏବଂ ଦରକାର ମୁତାବକ ଲମ୍ବା ରଖାଯାଏ। ଦୁଇଟି ତଳି ଶଯ୍ୟା ମଧ୍ୟରେ ୪୦ ସେ.ମି. ଦୂରତା ରଖାଯାଇଥାଏ। ପାଖାପାଖି ୧ ଏକର ଜମି ରୋଇବା ପାଇଁ ୧୦ ଡ଼ିସିମିଲ ଜମି ତଳିଘେରା ପାଇଁ ନିଆଯାଇଥାଏ।

## ତଳିଘେରା ପରିଚାଳନା

- ବିହନ କୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବତୁରାଯାଏ, ଜଳକୁ ଭଲଭାବେ ନିଷ୍କାସନ କରିବା ପରେ ମଞ୍ଜିକୁ ଗଜା କରିବା ପାଇଁ ଅଖା ଦ୍ୱାରା ଘୋଡେଇ ଦିଆ ଯାଏ।
- ଗଜା ବାହାରିଥିବା ବିହନକୁ ତି ଘେରାରେ ବୁଣାଯାଏ ଏବଂ ତଳିଘେରା କୁ ୫-୭ ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ।
- ତଳି ୧ ଇଞ୍ଚ ଲମ୍ବା ହେବା ପର୍ଯ୍ୟନ୍ତ ପାଣିର ଏକ ପତଳା ସ୍ତର ରଖାଯାଇଥାଏ।
- ତଳି ଓପାଡିବାର ୭ ଦିନ ପୂର୍ବରୁ ଆବଶ୍ୟକ ମାତ୍ରାରେ ସାର ବ୍ୟବହାର କରାଯାଏ।

## ଜମି ପ୍ରସ୍ତୁତି

- ଜମି କୁ ଟ୍ରାକ୍ଟର ଚାଳିତ କିମ୍ବା ବଳଦଟଣା ଲଙ୍ଗଳ ଦ୍ୱାରା ଶୁଖିଲା ଅବସ୍ଥାରେ ହଳ କରାଯିବା ଉଚିତ ଓ ହଳ କରିବା ସମୟରେ ୫ ଟନ/ହେକ୍ଟର ହିସାବରେ ଗୋବର ଖତ ବ୍ୟବହାର କରାଯିବା ଉଚିତ।
- ୭-୧୦ ଦିନ ଅନ୍ତରରେ ଜମିକୁ ଚାଷକରି ୨ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟସାରର ଉପଲବ୍ଧତା ବଢିଥାଏ। ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣି ସ୍ତର ସମାନ ରହେ।

## ଧାନ ବୁଣିବା ସମୟ

- ବୁଣା ଧାନ ପାଇଁ ହେକ୍ଟର ପିଛା ୩୦-୪୦ କି.ଗ୍ରା. ବିହନ କୁ ଜୁନ ମାସ ୧-୧୫ ତାରିଖ ମଧ୍ୟରେ ବୁଣାଯାଏ।

## ତଳି ରୁଆ ଓ ଲଗେଇବା ଦୂରତା

- ଖରିଫ ଋତୁ ପାଇଁ ଜୁଲାଇ ମାସ ମଧ୍ୟ ଭାଗ ସୁଦ୍ଧା ୨୦×୧୫ ସେ.ମି. ବ୍ୟବଧାନ ଓ ରବି ଋତୁ ପାଇଁ ଜାନୁଆରୀ ମାସ ମଧ୍ୟ ଭାଗ ସୁଦ୍ଧା ୧୫×୧୫ ସେ.ମି. ବ୍ୟବଧାନରେ ତଳି ରୁଆ ଯାଇଥାଏ।
- ୨୫-୩୦ ଦିନର ତଳିକୁ ବୁଦାପ୍ରତି ୨-୩ ଟି ତଳି ହିସାବରେ ଲଗାଯାଏ। ୧୦-୧୨ ଦିନ ପରେ ଖାଲି ପଡିଥିବା ସ୍ଥାନ ମାନଙ୍କରେ ତଳି ଲଗେଇବା ଉଚିତ। ଦରକାର ପଡିଲେ ଖାଲି ସ୍ଥାନରେ ପିଲରେ ଥିବା ଧାନ ଗଛ ବ୍ୟବହାର କରି ତଳି ଦ୍ୱିତୀୟଥର ଲଗେଇବା ଉଚିତ।

## ରାସାୟନିକ ଖାଦ୍ୟସାର ପରିଚାଳନା

- ଯବକ୍ଷାରଜାନ: ଫସଫରସ: ପଟାସ କୁ ୮୦: ୪୦: ୪୦ କି.ଗ୍ରା. ପ୍ରତି ହେକ୍ଟର ହିସାବରେ ବ୍ୟବହାର କରାଯାଏ।
- ମୂଳ ସାର ରୂପେ ଯବକ୍ଷାରଜାନ ସାର ର ୫୦%, ପୂର୍ଣ୍ଣ ମାତ୍ରା ରେ ଫସଫରସ ଏବଂ ପଟାସ ସାରକୁ ପ୍ରୟୋଗ କରାଯାଏ । ଅବଶିଷ୍ଟ ଯବକ୍ଷାରଜାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ୩ ସପ୍ତାହ ପରେ ଏବଂ ଅନ୍ୟ ଭାଗଟି ଥୋଡ ସାର ରୂପେ ପ୍ରୟୋଗ କରାଯାଏ। ଅଧିକ ବାଲିଆ ଜମିରେ ପଟାସ ସାରର ଦୁଇ ତୃତୀୟାଂଶ ମୂଳ ସାର ଭବେ ଓ ଅବଶିଷ୍ଟ ଏକ ତୃତୀୟାଂଶ ଥୋଡ ସାର ରୂପେ ପ୍ରୟୋଗ କରାଯାଇଥାଏ।
- ଯବକ୍ଷାରଜାନ ସାରକୁ ପିଲ ଏବଂ ଥୋଡ ସାର ରୂପେ ବ୍ୟବହାର କରିବା ସମୟରେ ଜଳନିଷ୍କାସନ କରିବା ଏବଂ ସାର ପ୍ରୟୋଗର ୨୪-୩୬ ଘଣ୍ଟା ପରେ ପୁଣି ଜଳସେଚନ କରିବା ଉଚିତ।

## ଅନାବନା ଘାସ ନିୟନ୍ତ୍ରଣ

- ପ୍ରତି ହେକ୍ଟର ଜମି ପାଇଁ, ବେନସଲଫ୍ୟୁରାନ ୬୦ ଗ୍ରାମ ଓ ପ୍ରିଟୀଲାକ୍ଲୋର ୬୦୦ ଗ୍ରାମ (ଜିଆର ଇରେଜ ଷ୍ଟ୍ରଙ୍ଗ ୧୦ କି.ଗ୍ରା ପ୍ରତି ହେକ୍ଟର) କୁ ୫୦ କି.ଗ୍ରା. ବାଲିରେ ମିଶାଇ ପାଣି ଜମି ନଥିବା ଜମିରେ ତଳି ରୁଆ ହେବାର ୩-7 ଦିନ ପରେ ଛିଞ୍ଚିବା ଦ୍ୱାରା ଅନେକ ଧରଣର ଘାସ ଗୁଡିକୁ ନିୟନ୍ତ୍ରଣ କରାଯାଇପାରିବ।
- ବିସପାଇରିବାକ ସୋଡ଼ିଅମ ୩୦୦ ମି. ଲି. କୁ ୫୦୦ ଲିଟର ପାଣିରେ ମିଶାଇ ତଳି ରୁଆ ହେବାର ୧୦ ଦିନ ପରେ ଛିଞ୍ଚିବା ଦ୍ୱାରା ଘାସ ନିୟନ୍ତ୍ରଣ କରାଯାଇପାରିବ।

## ଜଳ ପରିଚାଳନା

- ତଳି ରୋପଣ ଏକ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ର ରଖିବା ଦ୍ୱାରା ଗଛ ସୁଦୃଢ ରହେ।
- ଫସଲ ବୃଦ୍ଧି ସମୟ ଠାରୁ କ୍ଷୀର ଢୋକିବା ଅବସ୍ଥାର ୧୫ ଦିନ ପର୍ଯ୍ୟନ୍ତ ୩-୫ ସେ.ମି. ର ଏକ ଜଳସ୍ତର ଜମିରେ ରଖାଯାଏ । କିନ୍ତୁ ଶୀର୍ଷ ସାର ପ୍ରୟୋଗ ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪-୩୬ ଘଣ୍ଟା ପରେ ଜଳସେଚନ କରାଯାଇଥାଏ।

## ରୋଗ ପରିଚାଳନା

- ପତ୍ରପୋଡ଼ା ରୋଗ ଦେଖାଯାଉଥିବା ଅଞ୍ଚଳରେ, ୧୦ ଗ୍ରାମ ପ୍ଲାଣ୍ଟମାଇସିନ କିମ୍ବା ୧.୫ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲୀନ ସହିତ ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ କୁ ୧୦ ଲିଟର ପାଣି ରେ ମିଶାଇ ବିହନ ବିଶୋଧନ କରାଯିବ ଉଚିତ।
- ପତ୍ରପୋଡ଼ା ରୋଗ ର ଲକ୍ଷଣ ଦେଖାଗଲେ, ଜଳ ନିସ୍କାସନ କରି ହେକ୍ଟର ପିଛା ୨୦ କେ.ଜି. ପଟାସ ସାର ପ୍ରୟୋଗ କରନ୍ତୁ ତଥା ପ୍ରତି ଲିଟର ପାଣିରେ ୧ ଗ୍ରା. ପ୍ଲାଣ୍ଟମାଇସିନ + ୩ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଛିଞ୍ଚନ୍ତୁ।

## ପୋକ ପରିଚାଳନା

- ନିୟମିତ ପର୍ଯ୍ୟବେକ୍ଷଣ ତଥା ଆବଶ୍ୟକତା ଅନୁସାରେ କୀଟନାଶକ ପ୍ରୟୋଗ ଦ୍ୱାରା ରୋଗ ପୋକ ନିୟନ୍ତ୍ରଣ କରାଯାଇପାରିବ।
- କୀଟନାଶକ ପ୍ରୟୋଗ କରିବା ସମୟରେ ପ୍ରତି ହେକ୍ଟର ପିଛା ୫୦୦ ଲିଟର ପାଣି ବ୍ୟବହାର କରାଯିବା ଉଚିତ।
- ରବି ଋତୁ ରେ ହଳଦିଆ କାଣ୍ଡବିନ୍ଧା ପୋକ ମୁଖ୍ୟତଃ ଫସଲକୁ ଆକ୍ରମଣ କରିଥାଏ। ୨ ମି.ଲି. କ୍ଲୋରୋପାଇରିଫସ କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ ତିଆରି କରି ଧାନ ରୋପଣ ପୂର୍ବରୁ ଦ୍ରବଣରେ ତଳିକୁ ବୁଡାଇ ସାରା ରାତି ରଖିବା ଉଚିତ।
- ତଳି ରୁଆ ହେବା ୩୦ ଦିନ ପରେ ହେକ୍ଟର ପିଛା ୩୦ କି. ଗ୍ରା. ହିସାବରେ କାର୍ବୋଫ୍ୟୁରାନ ଗୁଣ୍ଡ ପ୍ରୟୋଗ ଦ୍ୱାରା କାଣ୍ଡବିନ୍ଧା ତଥା ଅନ୍ୟ ପୋକ ଗୁଡିକ ନିୟନ୍ତ୍ରଣ କରାଯାଇପାରିବ। କ୍ଲୋରାନଟ୍ରାନିଲିପୋର (ଫଟେରା ୦.୪% ଜି. ଆର) କୁ ହେକ୍ଟର ପ୍ରତି ୧୦ କି. ଗ୍ରା. ପ୍ରୟୋଗ ଦ୍ୱାରା ମଧ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରାଯାଇପାରିବ।
- ୧ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲପୀଡ଼ କିମ୍ବା ୨ ମି.ଲି. କ୍ଲୋରୋପାଇରିଫସ ମିଶାଇ ପତ୍ର ଉପରେ ଛିଞ୍ଚିବା ଦ୍ୱାରା ଚକଡା ପୋକ, ମାଟିଆ ଗୁଣ୍ଡି ପୋକ, ପତ୍ରମୋଡା ପୋକ ଆଦି କୁ ନିୟନ୍ତ୍ରଣ କରାଯାଇପାରିବ।
- ରୋଗ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ହୁଡ଼ାବନ୍ଧ ଭଲଭାବେ ସଫା କରାଯିବା ଉଚିତ।

## ଅମଳ କରିବା ସୁଖେଇବା ଏବଂ ସାଇତି ରଖିବା

- ଫୁଲ ଆସିବାର ୨୫ -୩0 ଦିନ ପରେ ଫସଲ କାଟିବା ଉଚିତ।
- ଧାନ କାଟିବା ପରେ ଅମଳ କରି ୧୨% ଆର୍ଦ୍ରତା ରହିବା ଯାଏଁ ଶୁଖାଇବା ପରେ ସଂରକ୍ଷଣ କରିବା ଉଚିତ।

---

# ସି ଆର ଧାନ ୩୧୨

---

ଏନ. ଆର. ଆର. ଆଇ. ବୈଷୟିକ ଇସ୍ତାହାର: 187, ଏପ୍ରିଲ ୨୦୨୨
ସର୍ବସ୍ୱତ୍ୱ ସଂରକ୍ଷିତ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ

ସମ୍ପାଦନା : ସଂଗୀତା ମହାନ୍ତୀ

An ISO 9001: 2015 Certified Institute

ଟାଇପ ସେଟ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩୦୦୬
ପ୍ରକାଶକ: ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ